ଶନିବାର, ୩୦ ଅଗଷ୍ଟ, ୨୦୨୫

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

ଶାଶୁ ବୋହୂ ମଧ୍ୟରେ କଥାବାର୍ତ୍ତା
ଶାଶୁ : ଆରେ ବୋହୂ ତୋତେ ହଜାରେ ଟଙ୍କା ଦେଇଥିଲି ତୁ ମୋତେ ଦେ। ମୋର କିଛି ଜିନିଷ କିଣିବାର ଅଛି।
ବୋହୂ: ମମି, ମୁଁ ତ କବାଡିଆବାଲାକୁ ଟଙ୍କା ଦେଇ ଦେଇଛି ।
ଶାଶୁ : ସମସ୍ତେ କବାଡିଆବାଲାଠୁ ଟଙ୍କା ନେଉଥିବା ବେଳେ ତୁ କାହିଁକି ଟଙ୍କା ଦେଲୁ ?
ବୋହୂ: କବାଡିଆବାଲା କହିଲା – ମୋର ସକାଳୁ ବଉନି ହୋଇନି । କିଛି କବାଡି ଦେଇଦିଅ। ମୁଁ କହିଲି ଆମ ଘରେ ତ କିଛି କବାଡି ନାହିଁ। ତୁମେ ଗୋଟେ କାମ କର ମୋ ବାପଘରକୁ ପଳାଅ ସେଠି ତୁମକୁ ବହୁତ ଜିନିଷ ମିଳିଯିବ।
ଶାଶୁ: ହେଲେ ଟଙ୍କା କାହିଁକି ଦେଲୁ ?
ବୋହୂ: ମମି, ଆମ ଘର ତ ଏଠାରୁ ବହୁତ ଦୂର ସେଥିପାଇଁ ତାକୁ ଗାଡି ଖର୍ଚ୍ଚ ପାଇଁ ଟଙ୍କା ଦେଇଛି।

ଜଣେ ବ୍ୟକ୍ତି ମେଡିସିନ୍ ଦୋକାନକୁ ଯାଇ କହିଲା– ଭାଇ ଡିଜାଇନ୍ ଦେଲ।
ଦୋକାନୀ: କେଉଁ ଡିଜାଇନ୍ ଦେବି
ବ୍ୟକ୍ତି : ଆରେ ଭାଇ ଯେଉଁଟା ଖାଇଲେ ପେଟ ଭଲ ହୋଇଯାଏ ସେଇଟା ଦିଅ।
ଦୋକାନୀ:ଓହଃ,ମୁଁ ବୁଝିଗଲି ଡାଇଜିନ୍।ହଉନିଅ।

ଫିଲ୍ମ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ଜ୍ଞାନଦୀପ



### ଗପ

ବିଦ୍ୟାଳୟରେ ନୂଆ ଶିକ୍ଷାବର୍ଷର ଥିଲା ପ୍ରଥମ ଦିନ। ପିଲାମାନଙ୍କ ଚେହେରା ଚମକୁ ଥିଲା ହର୍ଷ ଉଲ୍ଲାସରେ। କିଏ ନୂଆ ଖାତାବହିକୁ ସମ୍ଭାଳୁଥିଲା ତ ଆଉ କିଏ ସମ୍ଭାଳୁଥିଲା ବ୍ୟାଗ୍‌କୁ। ଏମିତି ସମୟରେ ଶ୍ରେଣୀଗୃହରେ ପ୍ରବେଶ କଲା ବିବେକ। ଫଟା–ପୁରୁଣା ଡ୍ରେସ୍, କାନ୍ଧରେ ବ୍ୟାଗ୍ ଆଉ ଖାଲି ପାଦ।

ସେ ଯେମିତି ଶ୍ରେଣୀଗୃହରେ ପାଦ ଦେଲା, ଅନ୍ୟ ସବୁ ପିଲାଙ୍କର ହସରେ ଗୁଞ୍ଜରିତ ହୋଇ ଉଠିଲା ଶ୍ରେଣୀଗୃହ। ବିବେକର ଆଖି ତଳକୁ ନଇଁଗଲା। ଆଉ ଓଠ ଥରୁଥିଲା। ମନ ତା'ର ହେଉଥିଲା କାନ୍ଦିବାକୁ, ହେଲେ ସେ ନିଜ ଆଖିର ଲୁହକୁ ଅଟକେଇ ଦେଲା। ଠିକ୍ ସେତିକିବେଳେ ଶିକ୍ଷକ ଶ୍ରେଣୀଗୃହରେ ପ୍ରବେଶ କଲେ। ପିଲାମାନଙ୍କୁ ହସୁଥିବା ଦେଖି ତୁରନ୍ତ ଘଟଣାକୁ ଜାଣିନେଲେ। ତା'ପରେ ବିବେକ ପାଖକୁ ଆସି ଧୀର ସ୍ୱରରେ କହିଲେ, ‘‘ପୁଅ... ଭଲ ପାଠ ପଢ଼ିବା ପାଇଁ ଭଲ ଜୋତା କି ଦାମୀ ପୋଷାକ ନୁହେଁ ବରଂ ଦୃଢ଼ ଇଚ୍ଛାଶକ୍ତି ଆଉ ପ୍ରଚେଷ୍ଟା ଦରକାର’’।

ତା'ପରେ କ୍ଲାସ୍‌ର ପିଲାମାନଙ୍କୁ କହିଲେ, ମନେରଖ ପିଲାମାନେ, ଶିକ୍ଷାର ଆରମ୍ଭ ପାଠବହିରୁ ନୁହେଁ, ବରଂ ଆଚରଣ, ବ୍ୟବହାର, ଭଦ୍ର କଥାବାର୍ତ୍ତା ଓ ସମ୍ମାନ ଦେବା ଭଳି ବିଭିନ୍ନ ଭଲ ଗୁଣ ଶିଖିବାରୁ ଆରମ୍ଭ ହୋଇଥାଏ।

ଏବେ ଶିକ୍ଷକଙ୍କ କଥା ପରେ ନୀରବତା ଖେଳିଗଲା ଶ୍ରେଣୀଗୃହରେ। ପିଲାଙ୍କ ଚେହେରା ତଳକୁ ନଇଁଗଲା ଲଜ୍ଜାରେ। ସେଦିନ ସମସ୍ତେ ବୁଝିଗଲେ... ‘ଗୁରୁ କେବଳ ଜ୍ଞାନର ପ୍ରଦୀପ ଜାଳନ୍ତି ନାହିଁ ବରଂ ଜୀବନର ପଥକୁ ମଧ୍ୟ ଶିକ୍ଷାର ଦିଗ୍‌ଦର୍ଶନ ଦେଇ ଆଲୋକିତ କରନ୍ତି।

ମୂଳହିନ୍ଦୀ–ବିଜୟ ସିଂ ଚୌହାନ
ଅନୁବାଦ–ମଧୁସ୍ମିତା ପଟ୍ଟନାୟକ
ବ୍ରହ୍ମେଶ୍ୱରବାଗ, ଟଙ୍କପାଣିରୋଡ୍, ଭୁବନେଶ୍ୱର

## ବିରୁଦ୍ଧ ଆହାର



କିଛି ପ୍ରକାରର ଖାଦ୍ୟର ମିଶ୍ରଣ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥିବାବେଳେ କିଛି ଖାଦ୍ୟର ମିଶ୍ରଣ ସ୍ୱାସ୍ଥ୍ୟ ଖରାପ କରିଥାଏ। ଯେଉଁ ଖାଦ୍ୟକୁ ଏକାଠି କରି ଖାଇଲେ ସ୍ୱାସ୍ଥ୍ୟ ଖରାପ ହୁଏ ସେଭଳି ଖାଦ୍ୟକୁ ବିରୁଦ୍ଧ ଆହାର କୁହାଯାଏ।

କେଉଁ ଖାଦ୍ୟକୁ କାହା ସହିତ ଖାଇବା ଠିକ୍ ନୁହେଁ କିମ୍ବା କେଉଁ ଖାଦ୍ୟ ଖାଇବା ପରେ ପରେ କଣ ଖାଇବା ଅଥବା ପିଇବା ଶରୀର ନିମନ୍ତେ କ୍ଷତିକାରକ ତାହା ଜାଣିବା ଦରକାର। ତେବେ ଏଭଳି ବିରୁଦ୍ଧ ଆହାର ପାଇଁ ବହୁ ସମସ୍ୟା ଦେଖା ଦେଇଥାଏ। ମେଦବହୁଳତା, ଦୃଷ୍ଟିଶକ୍ତି କମ୍ ହେବା, କେଶ ଝଡିବା, ହଜମ ନ ହେବା, ସ୍କିନ୍ ଖରାପ ହୋଇଯିବା, ଥଣ୍ଡା ଶର୍ଦ୍ଦି ଲାଗି ରହିବା, କୋଷ୍ଠକାଠିନ୍ୟ, ଏନିମିଆ, ଆର୍ଥ୍ରାଇଟିସ୍, ସ୍କିନରେ ଧଳା ଦାଗ ହେବା, ପେଟ ଦରଜ ହେବା ଭଳି ବିଭିନ୍ନ ସମସ୍ୟା ଦେଖା ଦେଇଥାଏ। ତେଣୁ କେଉଁ ସବୁ ଖାଦ୍ୟ ବିରୁଦ୍ଧ ଆହାର ତାହା ଜାଣି ରଖିବା ଦରକାର।

❖ଡ୍ରାଗନ ଫ୍ରୁଟ, ଆଭୋକାଡୋ ଭଳି ଫଳ ଆମ ଦେଶରେ ହୋଇ ନ ଥାଏ। ବାହାର ଦେଶରୁ ଏହା ଆସିଥାଏ। ତେଣୁ ଆୟୁର୍ବେଦ ଅନୁସାରେ ଏହା ଆମ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ।

❖ଅତ୍ୟଧିକ ଉଷ୍ମ ତଥା ମରୁଭୂମି ଅଞ୍ଚଳ ଲୋକଙ୍କ ଭଳି ଶୁଖିଲା ଖାଦ୍ୟ ଓ ରାଗ ମସଲାଯୁକ୍ତ ଖାଦ୍ୟ ମଧ ଆମ ପାଇଁ ବିରୁଦ୍ଧ ଖାଦ୍ୟ। ଏସବୁ ସ୍ୱାସ୍ଥ୍ୟ ଖରାପ କରିପାରେ।

❖ଋତୁ ଅନୁସାରେ ଆମଦାନୀ ହେଉ ନ ଥିବା ଫଳ ମଧ ବିରୁଦ୍ଧ ଖାଦ୍ୟ। କାରଣ ଏସବୁ ଫଳରେ ପ୍ରଚୁର ପରିମାଣରେ ରାସାୟନିକ ପଦାର୍ଥ ଦିଆଯାଇ ରଖାଯାଏ ଯେପରି ତାହା ଖରାପ ହେବ ନାହିଁ। ତେଣୁ ଏହାକୁ ଖାଇବା ମଧ ସ୍ୱାସ୍ଥ୍ୟ ପାଇଁ ବିପଦ ହୋଇପାରେ।

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ମତାମତ

▶▶ ଗଣାଧୀଶ ଗଣପତି ପାଠଟି ଶିକ୍ଷଣୀୟ ହୋଇଥିଲା।

**–ରୋହନ ସାହୁ, ରାଜନଗର, କେନ୍ଦ୍ରାପଡ଼ା**

▶▶ ତୁମ ତୂଳୀରେ ପ୍ରକାଶିତ ଗଣେଶଙ୍କ ଚିତ୍ରଗୁଡିକ ବହୁତ ସୁନ୍ଦର ହୋଇଛି।

**–ରଞ୍ଜନ ମହାରଣା, କୋରାପୁଟ**

▶▶ ଗଣେଶଙ୍କ ଉପରେ ପ୍ରକାଶିତ କବିତାଗୁଡିକ ସୁନ୍ଦର ମନଛୁଆଁ ହୋଇପାରିଛି।

**–ତନ୍ମୟ କୁମାର ରାଉତ, ନୟାଗଡ଼**

## ରଙ୍ଗ ଦିଅ





ପିଲାମାନେ ପାଠ ପଢ଼ିବା ପ୍ରତି ଅଧିକ ଧ୍ୟାନ ଦେବା ଦରକାର। ସ୍କୁଲ ହେଉ ଅବା ଘର, ପାଠ ଉପରେ ଠିକ୍ ନଜର ରଖିଲେ ଏବଂ ଆବଶ୍ୟକ ପରିଶ୍ରମ କଲେ ତାହାର ଫଳ ମିଠା ହୋଇଥାଏ। କେତେଜଣ ପିଲା ଟ୍ୟୁଶନକୁ ନ ହୋଇ ଘରେ ପଢ଼ନ୍ତି। ଏଭଳି ସେଲ୍ଫ ଷ୍ଟଡିଜ୍ ବିଷୟରେ ସୂଚନା...

# ସେଲ୍ଫ ଷ୍ଟଡିଜ୍

## ନିଜ ଉପରେ ଭରସା

ପିଲାଟିଏ କିପରି ପାଠ ପଢ଼ିବ ଏହି ନିଷ୍ପତ୍ତି ମା'ବାପା କିମ୍ବା ଘରର ବରିଷ୍ଠ ସଦସ୍ୟ ନେଇଥାଆନ୍ତି। ହେଲେ ପିଲାଟି ଯେତେବେଳେ ବଡ଼ ହୁଏ ଏବଂ ଭଲ ମନ୍ଦ ବିଷୟରେ ସେ ଜାଣିପାରେ ସେତେବେଳେ ନିଜେ କେତୋଟି ନିଷ୍ପତ୍ତି ନେଇଥାଏ। ପିଲାଟି ଯଦି ନିଜେ ପଢ଼ିବାକୁ ଚାହୁଁଛି ଏବଂ ଟ୍ୟୁଶନ ଉପରେ ଭରସା କରିବାକୁ ଚାହୁଁନାହିଁ, ଏହି ସମୟରେ ତାହାର ନିଜ ଉପରେ ଶତ ପ୍ରତିଶତ ଭରସା ରହିବା ନିହାତି ଦରକାର। କାରଣ ସ୍କୁଲରେ ପାଠକୁ ଠିକ୍ ଭାବରେ ବୁଝିବା ଏବଂ ଘରେ ନିଜେ ହୋମୱର୍କ ସହ ରିଭିଜନ କରିବା ପାଇଁ ସେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିବା ଆବଶ୍ୟକ। କାରଣ ନିଜ ଉପରେ ଭରସା ନ ରହିଲେ ଏଭଳି ପ୍ରସ୍ତୁତିର ଠିକ୍ ମୂଲ୍ୟ ମିଳି ନ ଥାଏ।

## କୌଶଳ

କିପରି ଘରେ ନିଜେ ପାଠ ପଢ଼ିବେ ସେ ବିଷୟରେ ପିଲାଟି କିଛି କୌଶଳ ଅବଲମ୍ବନ କରିବା ଦରକାର। କେତେବେଳେ କେଉଁ ପାଠ ପଢ଼ିବ ଏବଂ ପାଠ ବୁଝି ନ ପାରିଲେ କାହାର ସହାୟତା ନେବାକୁ ହେବ ସେ ବିଷୟରେ ନିଜେ ଚିନ୍ତା କରିବା ଦରକାର। ଏହି ସମୟରେ ପାଠକୁ ଏକ ବୋଝ ବୋଲି ଭାବିବା ଠିକ୍ ନୁହେଁ। ଏପରି ପଢ଼ିବା ପାଇଁ ନିଜେ ରୁଟିନ୍ ପ୍ରସ୍ତୁତ କରନ୍ତୁ ଏବଂ ତାହାକୁ ଠିକ୍ ଭାବରେ ଅନୁସରଣ କରନ୍ତୁ।

## ଚାପ ବୋଲି ଭାବନ୍ତୁ ନାହିଁ

ହୋମ୍‌ୱର୍କକୁ ଏକ ଚାପ ବୋଲି ଭାବନ୍ତୁ ନାହିଁ। ଯଦି ଏହାକୁ ଚାପ ବୋଲି ଭାବନ୍ତି ତେବେ ତାହା ବୋଝ ଭଳି ଲାଗିବ। ପାଠ ପଢ଼ିବା ସମୟରେ ମନକୁ ହାଲୁକା ରଖନ୍ତୁ। ଚାପଗ୍ରସ୍ତ ରହିଲେ ତାହା ପାଠପଢ଼ାକୁ ପ୍ରଭାବିତ କରିଥାଏ। ତେଣୁ ପ୍ରଥମେ ଏଥିରୁ ନିଜକୁ ଦୂରେଇ ପାଠ ପଢ଼ିବାକୁ ବସନ୍ତୁ।

## ଟେକ୍ସଟ୍‌ବୁକ୍ ସାହାଯ୍ୟରେ ପଢ଼ନ୍ତୁ

ପ୍ରାୟ ସମୟ ପାଠବହି ସହ ଜଡ଼ିତ ରହିବା ଏକ ଭଲ ଅଭ୍ୟାସ। ବହି ପଢ଼ିବା ସମୟରେ ବିଷୟଟିକୁ ପ୍ରଥମେ ଭଲଭାବେ ବୁଝନ୍ତୁ । ଗୋଟିଏ ବିଷୟକୁ ଛୋଟଛୋଟ ପାର୍ଟରେ ପଢ଼ିଲେ ଜଲ୍‌ଦି ପାଠକୁ ମନେ ରଖିହେବ ଏବଂ ଏହା ବୋଝ ଭଳି ଲାଗିବନି।

## ପଏଣ୍ଟର ଦିଅନ୍ତୁ

କୌଣସି ବି ଚାପ୍ଟରର ଜରୁରୀ ପଏଣ୍ଟକୁ ରଙ୍ଗବେରଙ୍ଗ ସ୍କେଚ୍‌ପେନ୍‌ରେ ଲେଖି ନୋଟିସ ବୋର୍ଡରେ ଲଗାଇ ଦିଅନ୍ତୁ। ଏହା ବାରମ୍ବାର ନଜରରେ ପଡିବା ଯୋଗୁ ସହଜରେ ମନେ ରହିଯିବ। ଏହାଦ୍ୱାରା ରିଭିଜନ୍ ହୋଇଯିବ ।

## ଚଲାବୁଲା ମାଧ୍ୟମରେ ପଢ଼ନ୍ତୁ

ବସିରହି ପାଠପଢ଼ିବା ବଦଳରେ ଚାଲିବୁଲି ପଢ଼ନ୍ତୁ। ଖେଳକୁଦ ମାଧ୍ୟମରେ ପାଠ ପଢ଼ିବା ଦ୍ୱାରା ଏହା ଅଧିକ ଦିନ ପର୍ଯ୍ୟନ୍ତ ମନେ ରହିଥାଏ। କଥାବାର୍ତ୍ତା ମାଧ୍ୟମରେ ପଢ଼ିବା ଦ୍ୱାରା ବୋର୍ ଲାଗିବ ନାହିଁ।

## ଇଣ୍ଟରନେଟ୍

ପାଠପଢୁଥିବା ସମୟରେ କେତେକ ବିଷୟରେ ସମସ୍ତ ତଥ୍ୟ ବହିରୁ ନ ମିଳିଲେ ଇଣ୍ଟରନେଟ୍‌ର ସହାୟତା ନିଆଯାଇପାରିବ।

## କରେଣ୍ଟ ଆଫେୟାର

ଯଦି କୌଣସି ବିଷୟ କରେଣ୍ଟ ଆଫେୟାର ସହ ଜଡ଼ିତ ଥାଏ ତେବେ ତାହାର ସଦ୍ୟ ଖବର ବିଷୟରେ ଖବରକାଗଜ,ମାଗାଜିନ୍ କିମ୍ବା ଟେଲିଭିଜନର ସାହାଯ୍ୟ ନିଅ।

## ପାଠପଢ଼ାର ପରିବେଶ

ଯେତେବେଳେ ବି ପାଠବହି ପଢ଼ିବାକୁ ମନ ନାହିଁ ତେବେ ଏହା ବଦଳରେ କିଛି ଗପବହି କି କୁଇଜ୍ ବହି କିମ୍ବା ଖବରକାଗଜ ଆଦି ପଢ଼ନ୍ତୁ । ଏହାଦ୍ୱାରା ନିଜର ପଢ଼ିବାର ଅଭ୍ୟାସ ରହିବ। ବହି ପଢ଼ାକୁ ଗୋଟିଏ କାମ ନ ଭାବି ଏହାକୁ ଅଭ୍ୟାସରେ ପରିଣତ କରନ୍ତୁ।

## ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ

ସେଲ୍ଫ ଷ୍ଟଡିଜ୍ ପାଇଁ ଏକ ଟାଇମ୍ ଟେବଲ ତିଆରି କରନ୍ତୁ। ତାହାକୁ ମଧ୍ୟ ଠିକ୍ ଭାବରେ ଅନୁସରଣ କରନ୍ତୁ। ଏହାଦ୍ୱାରା ପ୍ରତିଟି ବିଷୟ ପ୍ରତି ସମାନ ଦୃଷ୍ଟି ଦେଇପାରିବେ। ଯେଉଁ ବିଷୟରେ ଦୁର୍ବଳ ଅଛନ୍ତି ବୋଲି ଅନୁଭବ କରୁଛନ୍ତି ସେ ବିଷୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଜରୁରୀ।




## ଏମାନେ କ'ଣ କରନ୍ତି

### ଯୋଜନା ମୁତାବକ ପଢ଼େ



ମୁଁ ଏବେ ୯ମ ଶ୍ରେଣୀରେ ପଢୁଛି। ଏହା ପୂର୍ବରୁ ମୁଁ ସ୍କୁଲରେ ଯାହା ପଢ଼େ ତାହାକୁ ଘରେ ଆସି ଭଲ ଭାବରେ ପଢ଼ିଥାଏ। ଯଦି କିଛି ସମସ୍ୟା ରହିଲା, ତା' ପରଦିନ ସ୍କୁଲରେ ଶିକ୍ଷକଙ୍କୁ ପଚାରି ବୁଝିନିଏ। ପ୍ରତିଦିନ କ୍ଲାସରେ ଯାହା ପଢ଼େ ତାହାକୁ ନୋଟ୍‌ରେ ଲେଖିଥାଏ। ଏପରିକି ବେଳେବେଳେ ନିଜେ ପ୍ରଶ୍ନ ପ୍ରସ୍ତୁତ କରି ଉତ୍ତର ଲେଖିବାକୁ ଚେଷ୍ଟା କରେ। ବେଶ୍ ଆତ୍ମବିଶ୍ୱାସ ସହ ପାଠ ପଢ଼େ। ନିଜ ଉପରେ ଭରସା ରଖିଛି। ଘରେ ରହି ପାଠ ପଢ଼ି ଭଲ ରେଜଲ୍ଟ କରିବି ବୋଲି ମୋର ଆଶା ବାନ୍ଧିଛି।

–**ଆରାଧନା ମିଶ୍ର**, କ୍ଲାସ୍–୯, ଡିଏଭି ପବ୍ଲିକ୍ ସ୍କୁଲ, ଏମ୍‌ସିଏଲ୍ ଜଗନ୍ନାଥ ଏରିଆ, ଡେରା, ତାଳଚେର

### ଆତ୍ମବିଶ୍ୱାସ ରହିଛି



ଘରେ ନିଜେ ପଢ଼ିବା ଏତେଟା ସହଜ କଥା ନୁହେଁ। ତେଣୁ ପଢ଼ିବା ଲାଗି ଯେତେବେଳେ ମୁଁ ଚିନ୍ତାକଲି ସେତେବେଳେ ମନ ଭିତରେ ଆତ୍ମବିଶ୍ୱାସକୁ ପ୍ରଥମେ ଦୃଢ଼ କଲି। ସ୍କୁଲରେ ଯାହା ପଢ଼ା ହୁଏ ତାହାକୁ ଭଲ ଭାବରେ ଶୁଣେ ଏବଂ ନୋଟ୍ କରେ। ଘରକୁ ଫେରିବା ପରେ ଥଣ୍ଡା ମନରେ ବସି ସେଗୁଡିକୁ ରିଭିଜନ କରେ। ନିଜ ଉପରେ ଯେତିକି ଭରସା ରହିଛି ସେତିକି ବିଶ୍ୱାସ ମଧ୍ୟ ରହିଛି। ପାଠକୁ ଠିକ୍ ଭାବରେ ବୁଝେ, ତେଣୁ ମୋତେ ସେଲ୍ଫ ଷ୍ଟଡିଜ୍‌ରେ ଅସୁବିଧା ହୋଇ ନ ଥାଏ।

–**ସୌମ୍ୟଜିତ୍ ପ୍ରଧାନ**, କ୍ଲାସ୍–୮,ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ, ଜଗତ୍‌ସିଂହପୁର



୧

ଭାଗ୍ୟଶ୍ରୀ ସାମନ୍ତରାୟ
କ୍ଲାସ- ୯, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବଡସାହି, ମୟୂରଭଞ୍ଜ



୨

ଆକାଂକ୍ଷା ନାୟକ
କ୍ଲାସ- ୪, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱର



୩

ମହାଶ୍ୱେତା ସାହୁ
କ୍ଲାସ-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଦ୍ମପୁର, ବରଗଡ଼



୪

ଚେତନା ପାଢ଼ୀ
କ୍ଲାସ- ୩, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର



୫

ସାଇ ଶୃତି ଦାଶ
କ୍ଲାସ- ୭, ସରକାରୀ ୟୁ.ପି ସ୍କୁଲ, ଲକର୍ମା, ସୋନପୁର, ସୁବର୍ଣ୍ଣପୁର



୬

ଆୟୁଷ ମିଶ୍ର
କ୍ଲାସ-୯, ବିଜେଇଏମ୍ ସ୍କୁଲ-୧, ବିଜେବି ନଗର, ଭୁବନେଶ୍ୱର



୭

ମନିଷା ନାଏକ
କ୍ଲାସ- ୭, ଶିମିଳିପାଳ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୋଳାଗଡିଆ, ମୟୁରଭଞ୍ଜ



୮

ସାନ୍ଭି ଶନାୟା ସା
କ୍ଲାସ-୪, ବିଜେଇଏମ୍-୧ ସ୍କୁଲ, ଗ୍ୟାରେଜ ଛକ, ଭୁବନେଶ୍ୱର



୯

ଭବ୍ୟା ସାହୁ
କ୍ଲାସ- ୨, ଓଡିଏମ୍ ପବ୍ଲିକ ସ୍କୁଲ, ପଟିଆ, ଭୁବନେଶ୍ୱର



୧



୨



୩



୪



୫



୬



୭



୮



୯

## କବିତା

## ଗୁରୁ ସେ ମହାନ ଅତି

ଘନ ଅନ୍ଧାରେ ଦେଖାଇଲେ ଯିଏ
ଆମକୁ ଆଲୋକ ପଥ
ଶିଖାଇଲେ ଯେତେ ନୀତି ଆଦର୍ଶ
ସତ୍ୟ ଶାନ୍ତି ବ୍ରତ ।
ବିଦ୍ୟା ବୁଦ୍ଧିଦାତା ବିଚାର ବିବେକ
ବଢ଼ାଇଲେ ସେହି ଯେତେ
କେତେ ଗୁଣୀ ଜ୍ଞାନୀ ଲେଖକ ବିଜ୍ଞାନୀ
ଗଢ଼ିଲେ ଆପଣା ହାତେ ।
ଆମରି ଭିତରେ ଜାଳିଦେଲେ ଯିଏ
ଜ୍ଞାନର ଦିବ୍ୟଜ୍ୟୋତି
ମଣିଷ ନୁହନ୍ତି ଦେବତା ସମାନ
ଗୁରୁ ସେ ମହାନ ଅତି ।
ଆହେ ମହାଦାତା ଭାଗ୍ୟ ବିଧାତା
ତୁମରି ଚରଣ ତଳେ
ଅନନ୍ତ ଆଶିଷ ଭିକ୍ଷା କରେ ମୁଁ
ଅଶେଷ ପ୍ରଣତି ଢାଳେ ।

**– ଭୁବନାନନ୍ଦ ପାଣିଗ୍ରାହୀ**
ଗୋଡ଼ିଆପଲ୍ଲୀ, ଖୋର୍ଦ୍ଧା
ମୋ: ୯୯୩୭୭୨୪୩୧୨

## ଗୁରୁ

ଗୁରୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନ
ସେପ୍ଟେମ୍ବର ପାଞ୍ଚ ଜନ୍ମ ଦିନ ।
ସେହି ଦିନଟିକୁ ମନେ ପକାଇ
ଗୁରୁଦିବସ ତ ପାଳୁଛୁ ଭାଇ ।
ଗୁରୁଙ୍କ ମଥାରେ ଦେଇ ଚନ୍ଦନ
କରିବା ଆସରେ ଗୁରୁ ପୂଜନ ।
ଗୁରୁ ଅଟନ୍ତି ସାକ୍ଷାତ ଈଶ୍ୱର
ବଚନ ତାଙ୍କର ବେଦର ଗାର ।
ଗୁରୁଙ୍କ ପାଦରେ ରଖିଲେ ଲୟ
ଦୂର ହୁଏ ଆମ ସକଳ ଭୟ ।
ଗୁରୁ ଆମକୁ ପଢ଼ାନ୍ତି ପାଠ
ହେବାକୁ ଆମେ ଉତ୍ତମ ଚାଟ ।
ଗୁରୁଙ୍କ କଥାକୁ ମାନି ଚଳିବା
ଭଲ ପଢ଼ି ତାଙ୍କ ଟେକ ରଖିବା ।

**– ଯଜ୍ଞଦତ୍ତ ସାମନ୍ତରାୟ**
କବିସୂର୍ଯ୍ୟନଗର, ଗଞ୍ଜାମ
ମୋ: ୯୩୩୭୪୪୯୨୪



## ପ୍ରଣାମ ଘେନ

ପ୍ରଣାମ ଘେନ ହେ ଗୁରୁବର
ତୁମ ବିନା ନାହିଁ ମୁକତି ମୋର,
ଜୀବନ ଆକାଶେ ଧ୍ରୁବ ତାରା ତୁମେ
ଆଲୋକ ଶିଖାଟେ ଅନ୍ଧାରର ।
କୋଟିଏ ସୂରୁଯ ତୁମ ପାଶେ
ମଥା ଅବନତ କରି ବସେ
ତୁମଠୁ ଓଜନ କିଏ ହେବ ଆଉ
ମୋର ଭାବନାରେ ନ ଆସେ ।
ତୁମର ଆଶିଷ ମୋର କାମ୍ୟ
ତୁଣ୍ଡେ ମୋର ଥାଉ ତୁମ ନାମ
ଚଲାପଥେ ମୋର ଆସ ବାରମ୍ବାର
ତୁମ ଚରଣରେ ଚାରିଧାମ ।

**– ପ୍ରଶାନ୍ତ କୁମାର ସାହୁ**
ମୋ: ୯୭୭୭୦୯୦୦୫୬



## ନୂଆଁଖାଇ ଜୁହାର

ଭାଦ୍ରବ ମାସର ଶୁକଳ ପଞ୍ଚମୀ
ରାଇଜେ ଆସିଛି ମିତ
ପଶ୍ଚିମ ଓଡିଶା ଉଠୁଛି ପଡୁଛି
ଶୁଭୁଛି ଖୁସିର ଗୀତ ।
ନୂତନ ଶସ୍ୟରୁ ଖିରୀ ପିଠା ହେବ
ହେବ ପୁଣି ଭୋଗ ଲାଗି
ମାଆ ସମଲେଇ ଆଶିଷ ଢାଳିବେ
ଭକତି ଉଠିବ ଜାଗି ।
ଘର ପରିବାର ଆତ୍ମୀୟ ସୋଦର
ଏକତ୍ର ହୋଇବେ ସର୍ବେ
ପ୍ରସାଦ ଖାଇବେ ସୁଖ ମନାସିବେ
ସଂସ୍କୃତିକୁ ମାନି ଗର୍ବେ ।
କୃଷି ଭିତ୍ତିକ ଏ ମହାନ ପରବ
ଗଣ ପରବରେ ଗଣା
ଆସ ସର୍ବେ ମିଳି ହରଷେ ପାଳିବା
ନକରିବା କିଛି ଊଣା ।
ନୂଆ ବସ୍ତ୍ର ପିନ୍ଧି ମା'ସମଲେଇଙ୍କୁ
ଭକ୍ତିରେ ପୂଜିବା ମିତ
ତାଙ୍କ କୃପା ବଳେ ଶସ୍ୟେ ପୂର୍ଣ୍ଣ ହେବ
ଆମରି ଗହୀର କ୍ଷେତ ।
ନୂଆଖାଇ ମୋର ଆମର ପରବ
ପାଳିବା ସରବେ ମିଳି
ହିଂସା ରାଗ ରୋଷ ନରହୁ
ପରାଣେ
କରିବା ସଭିଙ୍କୁ ଅଳି ।

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



## କଖାରୁ ବୋଟ୍

କଖାରୁର ଆକାର ଏତେ ବଡ଼ କି ଯେ ତାକୁ ଏକ ବୋଟ୍ ଭଳି ବ୍ୟବହାର କରିହେବ । ଏମିତି ଏକ କଥା ଶୁଣି ଅବିଶ୍ୱାସ ମନେ ହେଉଥିବ ! ହେଲେ ଏଭଳି ଏକ ଘଟଣା ଏବେ ଗିନିଜ୍ ରେକର୍ଡ ଅନ୍ତର୍ଭୁକ୍ତ ହୋଇଛି । ଆମେରିକାର ଗେରୀ କ୍ରିଷ୍ଟେନସେନ୍ ଏହି ବିରଳ କାମ କରି ଦେଖାଇଛନ୍ତି । ୪୬ ବର୍ଷୀୟ ଏହି ବ୍ୟକ୍ତିଜଣକ ଏକ ବିରାଟ ବଡ଼ କଖାରୁ ଅମଳ କରିବାରେ ସକ୍ଷମ ହୋଇଥିଲେ, କଖାରୁଟି ଏତେ ବଡ଼ ଥିଲା ଯେ ତାକୁ ବୋଟ୍ ଭଳି ବ୍ୟବହାର କରିହେବ ବୋଲି ସେ ଚିନ୍ତା କରିଥିଲେ । ଏହାପରେ ସେ କଖାରୁକୁ ବୋଟ୍ ଭଳି ବ୍ୟବହାର କରି କଲମ୍ବିଆ ନଦୀରେ ଯାତ୍ରା କରିଥିଲେ । ତେବେ ଏହି ମାଧ୍ୟମରେ ସେ ୭୩.୫ କିଲୋମିଟର ଯାତ୍ରା କରିଥିଲେ । ତେଣୁ କଖାରୁରେ ସବୁଠୁ ଲମ୍ବା ଜଳଯାତ୍ରା କରିଥିବାରୁ ତାଙ୍କ ନାଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି । ତେବେ ୨୦୧୧ ମସିହାରୁ ସେ ଏଭଳି ବଡ଼ ଆକାରର କଖାରୁ ଚାଷ କରି ଅମଳ କରୁଛନ୍ତି । ୨୦୧୩ରେ ସେ ପ୍ରଥମ ଥର ପାଇଁ ଏକ ବିରାଟ କଖାରୁ ଅମଳ କରିଥିଲେ, ଯାହା ଏକ ବୋଟ୍ ଭଳି ବ୍ୟବହାର କରିହେବ ।

## ଏଥରର ?

- ଆଦୌ ମନ୍ଦିର ନ ଥିବା ଦେଶ ?
- ବେସ୍‌ବଲ୍ ଟିମ୍‌ରେ କେତେଜଣ ଖେଳାଳି ରହନ୍ତି ?
- ପ୍ରଥମେ ମର୍ଡନ ଅଲିମ୍ପିକ୍ ଗେମ୍ କେଉଁ ମସିହାରେ ଆରମ୍ଭ ହୋଇଥିଲା ?
- ୨୦୧୮ରେ ଫିଫା ବିଶ୍ୱ କପ୍ ଜିତିଥିବା ଦେଶର ନାମ ?
- ୧୯୮୪ ନାମରେ ଏକ ଉପନ୍ୟାସ କିଏ ରଚନା କରିଥିଲେ ?

## ଗତଥରର ଉତ୍ତର

- କାଲିଫର୍ନିଆ
- ସୁସି
- ଆଲାସ୍କା
- ପ୍ୟାରିସ
- ଏୟୁ (AU)



## କହିଲ ଦେଖି

ବ୍ରହ୍ମା ବିଷ୍ଣୁ ମହେଶ୍ୱର
ରୂପେ ତାଙ୍କ ଅବତାର
ସାକ୍ଷାତ ଈଶ୍ୱର ଅଟନ୍ତି ଶିଷ୍ୟର
ଜ୍ଞାନଦାତା ଜଗତର
ନାଆଁ କହ ବାଇଧର ।

**ଉତ୍ତର: ଗୁରୁ**



ମହାପୁରୁଷଙ୍କ ଜନମ ଦିନ
ସାରା ଭାରତରେ ହୁଏ ପାଳନ
ଦ୍ୱିତୀୟ ରାଷ୍ଟ୍ରପତି ଓ
ଶିକ୍ଷାବିତ୍ ଭାବେ ଗଣା
ନାଆଁ କହିଦେଲେ ପିଇବ
ସୁସ୍ୱାଦୁ ପଣା ।

**ଉତ୍ତର: ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ**



ଯିଏ କଲେ ବିଦ୍ୟାଦାନ
ତାଙ୍କ ଚରଣରେ ଯିବା ଶରଣ
ଆସ ବାଳିକା ବାଳକ ଗଣ ।
ହୋଇ ହସହସ ମୁଖ
ସେପ୍ଟେମ୍ବର ମାସ ପାଞ୍ଚ ତାରିଖ
କେଉଁ ଦିବସ ଖାତାରେ ଲେଖ ।

**ଉତ୍ତର : ଗୁରୁଦିବସ**



ଗଣେଶ ଚତୁର୍ଥୀ ପରଦିନ
ଧରାକୁ ତୁମର ଆଗମନ
ପଶ୍ଚିମ ଓଡିଶା ଗ୍ରାମବାସୀ
ଘରେ ଘରେ ଭରିଯାଏ ଖୁସି
ନୂଆ ଚାଉଳର ଭୋଗ ଥୋଇ
ପୂଜା କରୁ ମାଆ ସମଲେଇ
ମାଆ ପରା ସିଏ ଭକତର
କଇଲାଣ କରେ ଜଗତର
ପରବ ନାଆଁଟି କହ ରାମ
ପୂର୍ଣ୍ଣ ହେବ ତୋର ମନସ୍କାମ ।

**ଉତ୍ତର : ନୂଆଖାଇ**



**– ଜଗଦୀଶ ସାହୁ**
ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

# କ୍ଷିପ୍ର ବେଗରେ ଉଡୁଥିବା ପକ୍ଷୀ



ପିଲାମାନେ ଆକାଶରେ ଉଡୁଥିବା ବିଭିନ୍ନ ଚଢ଼େଇଙ୍କୁ ଦେଖିଥିବ। କିନ୍ତୁ ଜାଣିରଖ, ବିଶ୍ୱରେ ଏମିତି କେତେକ ପକ୍ଷୀ ଅଛନ୍ତି, ଯେଉଁମାନେ କି ବହୁତ କ୍ଷିପ୍ର ବେଗରେ ଗତି କରିବା ସହ ବହୁ ଦୂରଦୂରାନ୍ତକୁ ମଧ୍ୟ ଉଡ଼ି ଯାଇପାରନ୍ତି।



**ପିନ୍‌ସେଲ୍ ଡକ୍**

ଏହି ପକ୍ଷୀର ଲାଞ୍ଜ ଏତେ ଲମ୍ବା ଓ ସରୁ ହୋଇଥାଏ ଯେ ତାହା ପିନ୍ ପରି ଦୃଶ୍ୟମାନ ହୋଇଥାଏ। ଏହାକୁ ସ୍ପ୍ରିଗ୍ ଟେଲ୍ ମଧ୍ୟ କୁହାଯାଏ। ଉକ୍ତ ଚଢ଼େଇର ଡେଣା ୨୩-୨୮ ସେ.ମି.। ଏହା ଘଣ୍ଟା ପ୍ରତି ୧୦୫ କି.ମି. ବେଗରେ ଉଡ଼ିଥାଏ। ୟୁରୋପ,ଏସିଆ ଏବଂ ଉତ୍ତର ଆମେରିକାଠାରେ ଏଭଳି ଚଢ଼େଇ ବହୁଳ ସଂଖ୍ୟାରେ ଦେଖିବାକୁ ମିଳିଥାନ୍ତି।

**ଏଡର ଡକ୍**

ସମୁଦ୍ର ବତକ ମଧ୍ୟରେ ଏଡର ଡକ୍ ଏକ ଛୋଟ ପକ୍ଷୀ। ଏହି ଡକ୍‌ର ଲମ୍ବ ୫୦ସେ.ମିଠୁ ଅଧିକ। ଏହାର ଉଡ଼ିବାର ବେଗ ହେଉଛି ଘଣ୍ଟା ପ୍ରତି ୧୧୩ କି.ମି.। ବିଶେଷଭାବରେ ଏମାନେ ଉତ୍ତର ଆମେରିକାରେ ଦେଖାଯାନ୍ତି।

**ସ୍ପର ଉଇଙ୍ଗ୍ ଗୁସ୍**

ସ୍ପର ଉଇଙ୍ଗ୍ ଗୁସ୍‌ଙ୍କୁ ପୃଥିବୀର ସବୁଠାରୁ ବଡ଼ ହଂସ ପ୍ରଜାତିର ପକ୍ଷୀ ରୂପରେ ଜଣାଯାଏ। ଆଡଲ୍ଟ ସ୍ପର ଉଇଙ୍ଗ୍ ଗୁସ୍ ପାଖାପାଖି ୭୫ସେ.ମି. ଲମ୍ବ ଏବଂ ଓଜନ ପ୍ରାୟ ୪.୮ କି.ଗ୍ରା.। ଏମାନେ ଘଣ୍ଟା ପ୍ରତି ୧୪୨ କି.ମି. ବେଗରେ ଉଡ଼ିପାରନ୍ତି। ଆଫ୍ରିକାର ନଦୀ, ଝରଣା ଆଦି ନିକଟରେ ମାଟି ଉପରେ ଏମାନେ ବସା ବାନ୍ଧିଥାନ୍ତି।

**ସ୍ପାଇନ୍ ଟେଲ୍ଡ ସ୍ୱିଫ୍ଟ**

ଏମାନଙ୍କୁ ବିଶ୍ୱର ସବୁଠାରୁ କ୍ଷିପ୍ର ବେଗରେ ଉଡୁଥିବା ପକ୍ଷୀ ଭାବରେ ଗଣନା କରାଯାଏ। ଘଣ୍ଟାକୁ ଏହି ପକ୍ଷୀ ୧୭୧ କି.ମି ବେଗରେ ଉଡ଼ିଥାନ୍ତି। ଏହି ଚଢ଼େଇର ବେକରେ ଧଳା ରଙ୍ଗର କେଶ ରହିଥାଏ। ଏଥିପାଇଁ ଏମାନେ ହ୍ୱାଇଟ୍ ଥ୍ରୋଟେଡ୍ ନିଡଲ ଟେଲ ନାମରେ ମଧ୍ୟ ପରିଚିତ। ମଧ୍ୟଏସିଆ, ସାଇବେରିଆ, ପୂର୍ବ ଉତ୍ତର ଅଷ୍ଟ୍ରେଲିଆରେ ଏମାନେ ଅଧିକ ମାତ୍ରାରେ ଦେଖିବାକୁ ମିଳିଥାନ୍ତି। ଏହି ଚଢ଼େଇ ତଳେ ନ ଓହ୍ଲାଇ ଆକାଶରେ ଉଡ଼ିବା ସହ ପାହାଡ଼ ଉପରେ ତିଆରି କରିଥିବା ବସାରେ ରହିଥାନ୍ତି। ଏମାନେ ଛୋଟ ପକ୍ଷୀ ଏବଂ ପୋକ ଖାଇଥାନ୍ତି।

**କାନ୍‌ଭାସ୍ ବ୍ୟାକ୍ ଡକ୍**

ଏହି ପକ୍ଷୀ ଉତ୍ତର ଆମେରିକାରେ ଦେଖିବାକୁ ମିଳିଥାନ୍ତି। ଏମାନେ ସବୁଠାରୁ ବଡ଼ ଆକାରର ଡାଇଭିଂ ଡକ୍। ଏମାନଙ୍କର ଲମ୍ବ ହେଉଛି ୮୦ସେ.ମି.। ଏହା ଘଣ୍ଟା ପ୍ରତି ୧୨୪କି.ମି. ବେଗରେ ଉଡ଼ିଥାଏ। ଏମାନଙ୍କର ଖାସ୍ ଗୁଣ ହେଲା ନିଜ ସାଥୀମାନଙ୍କ ସହ 'ଭି ସେପ୍' ଆକାରରେ ଉଡ଼ିଥାନ୍ତି।

**ଫ୍ରିଗେଟ୍ ବାର୍ଡ**

ସମୁଦ୍ର ଜୀବ ମଧ୍ୟରେ ଫ୍ରେଗାଟା ପରିବାରର ୫ ପ୍ରଜାତି ମଧ୍ୟରୁ ଗୋଟିଏ। ଏହି ପକ୍ଷୀଟି ଘଣ୍ଟାକୁ ୧୫୩ କି.ମି. ବେଗରେ ଉଡ଼ିଥାଏ। ଏମାନେ ସମୁଦ୍ର ପାଣିରେ ବୁଡି ମାଛ, ଜେଲିଫିଶ୍ ପରି ସମୁଦ୍ର ଜୀବଙ୍କୁ ଖୁବ୍ ସହଜରେ ଶିକାର କରିଥାନ୍ତି। ଅଣ୍ଡିରା ଫ୍ରିଗେଟ୍ ବେକରେ ନାଲି ରଙ୍ଗର ଥଳି ରହିଥାଏ। ସେ ମାଈ ଫ୍ରିଗେଡ୍ ବାର୍ଡକୁ ଆକର୍ଷିତ କରିବା ଲାଗି ଏହାକୁ ଫୁଲାଇ ଥାଏ। ଏହି ଫ୍ରିଗ୍ରେଟ୍ ବାର୍ଡ ଅଧିକାଂଶ ଉତ୍ତର ଆମେରିକାରେ ଦେଖିବାକୁ ମିଳିଥାନ୍ତି।

**ରେଡ୍ ଚେଷ୍ଟ ଡାଇଭିଂ ଡକ୍**

ଏମାନଙ୍କ ଲମ୍ବ ୫୧-୬୪ସେ.ମି. ହୋଇଥାଏ। ଏମାନଙ୍କ ଡେଣାର ଲମ୍ବ ହେଉଛି ୬୬-୭୪ସେ.ମି.। ଏହି ଚଢ଼େଇଟି ଘଣ୍ଟା ପ୍ରତି ୧୨୯ କିଲୋମିଟର ବେଗରେ ଉଡିପାରେ। ରେଡ୍ ଚେଷ୍ଟ ବର୍ଡ ପାଣି ଭିତରେ ବହୁତ ସମୟ ପର୍ଯ୍ୟନ୍ତ ବୁଡି ରହିପାରନ୍ତି। ଏହି ଚଢ଼େଇଟି ବେଙ୍ଗ,ମାଛ ଏବଂ ପୋକ ଆଦି ଖାଇଥାନ୍ତି। ଉତ୍ତର ଆମେରିକା, ଗ୍ରୀନ୍‌ଲାଣ୍ଡ , ୟୁରୋପ ଏବଂ ଏସିଆ ମହାଦେଶରେ ଏମାନେ ଦେଖିବାକୁ ମିଳିଥାନ୍ତି।



# ବଡ଼ ତରଭୁଜ

ତରଭୁଜ ଏପରି ଏକ ଫଳ, ଯାହା ଶରୀରକୁ ଥଣ୍ଡା ପ୍ରଦାନ କରିଥାଏ। ତରଭୁଜ ସାଧାରଣତଃ ଖରାଦିନରେ ଖୁବ୍ ସହଜରେ ମିଳିଥାଏ। ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଆଜି ତୁମକୁ ଏପରି ଏକ ତରଭୁଜ ବିଷୟରେ ସୂଚନା ଦେବୁ, ଯାହାର ଓଜନ ଶୁଣି ଆଶ୍ଚର୍ଯ୍ୟ ହୋଇଯିବ। ଜାଣନ୍ତୁ ଏହି ତରଭୁଜକୁ କିଏ ଏବଂ କେଉଁଠି ଚାଷ କରିଥିଲେ। ଏହି ତରଭୁଜକୁ ଆମେରିକାର କ୍ରିସ୍ କେଣ୍ଟ ୨୦୧୩ରେ ଚାଷ କରିଥିଲେ, ଯାହାର ଓଜନ ଥିଲା ୧୫୯କି.ଗ୍ରା.। ଉକ୍ତ ତରଭୁଜଟି ନର୍ମାଲ ତରଭୁଜଠାରୁ ୧୫ଗୁଣା ଅଧିକ ଥିଲା। ଏହାକୁ ଉଠାଇବା ଲାଗି କ୍ରେନ୍‌ର ସାହାଯ୍ୟ ନିଆଯାଇଥିଲା। ସ୍ଥାନୀୟ ଲୋକ ଏବଂ ବିଶେଷଜ୍ଞଙ୍କ ଏକ ଟିମ୍‌ର ମିଳିତ ଉଦ୍ୟମରେ ଏହାକୁ ସାବଧାନତା ପୂର୍ବକ ଉଠାଇ ପ୍ରଦର୍ଶନୀ ପାଇଁ ନିଆଯାଇଥିଲା।

# ଆଇନା



ସାଧ୍ୱୀ ତନୟା ପଣ୍ଡା
୫ ବର୍ଷ/ଭୁବନେଶ୍ୱର



ଶ୍ରେୟାଂଶ ସ୍ୱରୂପ ସେଠୀ
୬ ବର୍ଷ/ ସୋନପୁର